## ସଂକ୍ଷେପରେ

### ରାୟଗଡ଼ାରେ ନୂତନ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ



**ରାୟଗଡ଼ା ଅଫିସ,୨୨।୬:** ରାୟଗଡ଼ାର ନୂତନ ଜିଲାପାଳ ରୂପେ ସ୍ୱଧା ଦେବସିଂହ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଜିଲାପାଳ ସରୋଜ କୁମାର ମିଶ୍ରଙ୍କଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏଥିପୂର୍ବରୁ ସେ ନୂଆପଡ଼ା ଜିଲାରେ ନିଜ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରି ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ। ରାୟଗଡ଼ାଠାରେ ଦାୟିତ୍ୱ ଗ୍ରହଣ ଅବସରରେ ନୂତନ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ସୋମନାଥ ପ୍ରଧାନଙ୍କ ସମେତ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନ ଅଫିସର, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, କର୍ମଚାରୀ ସଂଘର କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଜିଲାପାଳଙ୍କୁ ସ୍ୱାଗତ କରିଥିଲେ। ରାୟଗଡ଼ା ଜିଲାରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବେ ବୋଲି ନୂତନ ଜିଲାପାଳ ଦୟିତ୍ୱ ଗ୍ରହଣ ଅବସରରେ କହିଛନ୍ତି।

### ଟାଟା କମ୍ପାନୀ ସିକ୍ୟୁରିଟି ଅଫିସରଙ୍କ ନାଁରେ ୨ ଏତଲା

ଛତ୍ରପୁର,୨୨।୬(ଡି.ଏନ.ଏ.): ଛତ୍ରପୁର ବ୍ଲକ କାଳିପଲ୍ଲୀ ନିକଟରେ ଟାଟା କମ୍ପାନୀ ଅଧିକୃତ ଜମିରେ ପ୍ରକଳ୍ପକୁ ସ୍ଥାନୀୟ ଲୋକଙ୍କ ବିରୋଧ ଜାରି ରହିଛି । ଆନ୍ଦୋଳନ ଯୋଗୁ ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି । ଅନ୍ୟପକ୍ଷରେ ପୂର୍ବତନ ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ତ୍ରିପାକ୍ଷିକ ଆଲୋଚନା ବୈଠକରୁ କୌଣସି ନିଷ୍କର୍ସ ବାହାରି ନ ଥିବାରୁ ଆନ୍ଦୋଳନ ଆହୁରି ତୀବ୍ର ହୋଇଛି । ତେଣୁ ପ୍ରକଳ୍ପ ନିର୍ମାଣ ସ୍ଥଳରେ କାଳିପଲ୍ଲୀ ଗ୍ରାମବାସୀଙ୍କ ଆନ୍ଦୋଳନ ଜାରି ରହିଛି । ସ୍ଥାନୀୟ ଲୋକଙ୍କୁ ସ୍ଥାୟୀ ନିଯୁକ୍ତି ନେଇ ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ଗ୍ରାମବାସୀ କହିଛନ୍ତି। ଦୁଇ ଦିନ ମଧ୍ୟରେ ଉକ୍ତ ଗାଁରେ ଛତ୍ରପୁର ଉପଜିଲାପାଳ ଓ ଏସଡିପିଓଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ବୈଠକ ହେବ ଏବଂ ଖୁବଶୀଘ୍ର ଏହା ସମାଧାନ ହେବ ବୋଲି ଜିଲାପାଳଙ୍କ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା । ମାତ୍ର ତତ୍କାଳୀନ ଜିଲାପାଳଙ୍କ ବଦଳି ପରେ ଏସବୁ କିଛି କାର୍ଯ୍ୟକାରୀ ହୋଇନି। ପୋଲିସ ଓ ପ୍ରଶାସନିକ ଅଧିକାରୀ ନିରବ ବସିଛନ୍ତି। ଅନ୍ୟପକ୍ଷରେ ଆନ୍ଦୋଳନ ଲାଗି ଟାଟା ଷ୍ଟିଲ ସେଜ୍‌ର ସିକ୍ୟୁରିଟି ଅଫିସରଙ୍କ ପକ୍ଷରୁ କାଳିପଲ୍ଲୀ ଗାଁର ୮୦ ଜଣ ଏବଂ ୧୩ ତାରିଖରେ ୪୫୦ ଜଣଙ୍କ ନାଁରେ ଏତଲା ଦିଆଯାଇଥିଲା । ଏହା ଜାଣିବା ପରେ ମଙ୍ଗଳବାର ରାତିରେ ଗାଁରେ ଏକ ବୈଠକ ବସି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବୁଧବାର ଗ୍ରାମବାସୀ ଚମାଖଣ୍ଡି ଥାନାକୁ ଆସି ଟାଟା କମ୍ପାନୀ ବିରୋଧରେ ନାରାବାଜି କରିଥିଲେ । ଏଥିସହ ଟାଟା କମ୍ପାନୀ ସେଜ୍‌ର ସିକ୍ୟୁରିଟି ଅଫିସରଙ୍କ ନାଁରେ ଗାଁର ମୁରଲୀ ସାହୁ ଓ ଏସ୍.ଗଣେଶ ପାତ୍ରଙ୍କ ପକ୍ଷରୁ ଗୋଟିଏ ଏତଲା ଦିଆଯାଇଛି। ସେହିପରି ଅନ୍ୟ ଏକ ଏତଲା ପରମେଶ୍ୱର ସେଠୀ ଜାତିଆଣ ଆକ୍ଷେପକୁ ନେଇ ଟାଟା ଷ୍ଟିଲ ସେଜ୍‌ର ସିକ୍ୟୁରିଟି ଅଫିସର ଆଶୋକ କୁମାର ରାୟଙ୍କ ନାଁରେ ଏତଲା ଦେଇଛନ୍ତି। ସୂଚନାଯୋଗ୍ୟ, ଟାଟା କମ୍ପାନୀ ଇସ୍ପାତ କାରଖାନା ପାଇଁ କାଳିପଲ୍ଲୀ ଏବଂ ନିକଟସ୍ଥ ଅଞ୍ଚଳରେ ୧୯୯୬ରେ ଜମି ଅଧିଗ୍ରହଣ ହୋଇଥିଲା । ଦୀର୍ଘ ୨୫ ବର୍ଷ ପରେ ମଧ କମ୍ପାନୀ ପକ୍ଷରୁ ଜମି ହରାଇଥିବା ପରିବାରର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏବେ କାଳିପଲ୍ଲୀ ନିକଟ ଉକ୍ତ ଜମିରେ ଟାଟା କମ୍ପାନୀ ଠାରୁ ଲିଜ୍ ନେଇ ଦୀପକ ଫର୍ଟିଲାଇଜର କମ୍ପାନୀ ସ୍ଥାପନ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଥିଲା । ଏହି କାମକୁ ସ୍ଥାନୀୟ ଶତାଧିକ ଲୋକେ ବିରୋଧ କରିବା ସହ ନିଯୁକ୍ତି ଦାବିରେ ଆନ୍ଦୋଳନରେ ବସଛନ୍ତି।

# ନବରଙ୍ଗପୁର ଜିଲାର ୬୯୩ ଗାଁ ବାଲ୍ୟବିବାହ ମୁକ୍ତ

ନବରଙ୍ଗପୁର,୨୨।୬(ବି.ପ୍ର.)



ଜିଲାପାଳଙ୍କ ଅଧକ୍ଷତାରେ ସମନ୍ୱୟ ବୈଠକ ଚାଲିଛି।

ନବରଙ୍ଗପୁର ଜିଲାରେ ବାଲ୍ୟବିବାହ ରୋକିବା ନିମନ୍ତେ ବୁଧବାର ସ୍ଥାନୀୟ ମିଶନଶକ୍ତି ସଭାଗୃହରେ ସମାଜ କଲ୍ୟାଣ ବିଭାଗ, ଜିଲା ଶିଶୁ ସୁରକ୍ଷା ୟୁନିଟି, ୟୁନିସେଫ୍, ଆକ୍ସନଏଡ୍ ଓ ବିଭିନ୍ନ ଜାତି ସମାଜର ମୁଖ୍ୟଙ୍କୁ ନେଇ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଏକ ବୈଠକ ହୋଇଯାଇଛି। ଜିଲାରେ ପ୍ରତ୍ୟେକ ଶିଶୁଙ୍କ ସୁରକ୍ଷା ଏବଂ ସେମାନଙ୍କୁ ବାଲ୍ୟ ବିବାହ କରିବାରୁ ରୋକିବା ଦିଗରେ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗ ମାଧ୍ୟମରେ କାର୍ଯ୍ୟକ୍ରମ ଚାଲିଥିବା ଜିଲାପାଳ ଏଠାରେ କହିଛନ୍ତି।

ପ୍ରଶାସନ ଓ ଜାତି ସମାଜର ମୁଖ୍ୟ ମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରଖି ଜିଲାର ସମସ୍ତ ଶିଶୁଙ୍କୁ ସୁରକ୍ଷା ଯୋଗାଇବା ସହ ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବାରେ ଏହି ସମନ୍ୱୟ ବୈଠକ ସହାୟକ ହେବ ବୋଲି ସେ କହିଛନ୍ତି। ବାଲ୍ୟ ବିବାହ ଭଳି ସାମାଜିକ ବ୍ୟାଧିକୁ ରୋକିବା ନିମନ୍ତେ ପ୍ରଶାସନ ଓ ଜାତି ସମାଜର ମୁଖ୍ୟଙ୍କ ମିଳିତ ପ୍ରୟାସରେ ଗ୍ରାମାଞ୍ଚଳରେ ଚାଲିଥିବା ସଚେତନତା କାର୍ଯ୍ୟକ୍ରମର ଜିଲାପାଳ ସମୀକ୍ଷା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଏକ ଯୋଜନା ମୂଳକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ସଚେତନତା କାର୍ଯ୍ୟକ୍ରମ ଚାଲିଥିବା କହିଥିଲେ। ମାର୍ଚ୍ଚ ସୁଦ୍ଧା ଜିଲାରେ ୧୭୧ ବାଲ୍ୟ ବିବାହ ରୋକାଯିବା ସହିତ ୬୯୩ ଟି ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଗ୍ରାମ ଘୋଷଣା କରାଯାଇଥିବା ସେ ଜଣାଇଥିଲେ। ଏଥିସହ ଜିଲାପାଳଙ୍କ ଅନୁରୋଧ କ୍ରମେ ୨୩ ଟି ଜାତି ସମାଜର ମୁଖ୍ୟ ନିଜ ଜାତିରେ ବୈଠକ କରି ନିଜ ସମାଜରେ ବାଲ୍ୟ ବିବାହ ନ କରିବାକୁ ଘୋଷଣା କରିବା ସହ ଜିଲା ପ୍ରଶାସନକୁ ଲିଖିତ ଭାବରେ ପ୍ରତିଶ୍ରୁତି ଦେଇଥିବା ବୈଠକରେ କୁହାଯାଇଛି। ପରେ ଜିଲାପାଳଙ୍କ ଅନୁରୋଧରେ ଉପସ୍ଥିତ ଥିବା ୨୩ ଟି ଜାତି ସମାଜର ମୁଖ୍ୟ ଜିଲାରେ ବାଲ୍ୟ ବିବାହର କାରଣ ଓ ଏହାର ନିରାକରଣ ନେଇ ନିଜ ସମାଜ ତରଫରୁ କିଭଳି ପଦକ୍ଷେପ ନେବେ ସେ ବିଷୟରେ ଆଲୋଚନା କରିଥିଲେ। ବ୍ଲକ ସ୍ତରରେ ପ୍ରତ୍ୟେକ ମାସରେ ପ୍ରଶାସନ ଓ ଜାତିସମାଜର ମିଳିତ ବୈଠକ କରାଇବା, ସମାଜ ମୁଖିଆ ଓ ପ୍ରଶାସନିକ ଅଧିକାରୀ ମିଳିତ ଭାବେ ଗ୍ରାମ ଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରିବା, କିଶୋରୀ କିଶୋରଙ୍କୁ ପଲିଟେକ୍ନିକ ଶିକ୍ଷା ଓ ଦକ୍ଷତା ବିକାଶ ଶିକ୍ଷାରେ ଯୋଡ଼ିବା ଆଦି କାର୍ଯ୍ୟକ୍ରମ ରେ ସମସ୍ତ ସମାଜର ମୁଖ୍ୟମାନେ କାର୍ଯ୍ୟ କରିବେ ବୋଲି ଜିଲାପାଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

- ବାଲ୍ୟବିବାହ ନିରୋଧି ସଚେତନତା କାର୍ଯ୍ୟକ୍ରମର ସମୀକ୍ଷା
- ମାର୍ଚ୍ଚ ସୁଦ୍ଧା ୧୭୧ ବାଲ୍ୟ ବିବାହ ରୋକାଯାଇଛି

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଏଏସ୍‌ପି ଜୟକୃଷ୍ଣ ବେହେରା, ଡିଇଓ ପ୍ରଦୀପ କୁମାର ନାଗ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ଦିବାକର ବାହୁକ, ଡାକ୍ତର ଦିଲୀପ ଚନ୍ଦ୍ର ବେହେରା, ଆକ୍ସନଏଡ୍‌ର ଜିଲା ପରାମର୍ଶଦାତା ଫକିର ଚରଣ ରାଉତ, ବାଲ୍ୟବିବାହ ନିଷେଧ ଅଧିକାରୀ ଏସ୍. ଗୀତା, ସୁନିତା ଦେବୀ ତ୍ରିପାଠୀ, ଶୈଳେନ୍ଦ୍ରି ମହାନନ୍ଦ, ଯମୁନା ଭତ୍ରା, ଚାଇଲ୍ଡଲାଇନ୍‌ର ଜିଲା ସଂଯୋଜକ ରବୀନ୍ଦ୍ର ପ୍ରଧାନ, ସୁପରଭାଇଜର, ସଞ୍ଜୁକ୍ତା ବେହେରା, ଗୀତାଞ୍ଜଳି ମିଶ୍ର, କାଞ୍ଚନ ପଣ୍ଡା, ସବିତା ମଲ୍ଲିକ, ସୁଲୋଚନା ପରିଡ଼ା, ଆରୋଣୀ ଶତ୍ରୁଶଲ୍ୟ, ନର୍ମଦା ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ସୁପରଭାଇଜର ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

## କମ୍ପାନୀ ଗେଷ୍ଟ ହାଉସ୍‌ରୁ ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ଜବତ

ମୁନିଗୁଡ଼ା,୨୨।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅଧୀନ ସିନେମା ହଲ୍ ନିକଟସ୍ଥ ମେଟ୍‌ସୋ କମ୍ପାନୀ ଗେଷ୍ଟ ହାଉସ୍‌ରୁ ଜଣେ ଯୁବ ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ବୁଧବାର ଜବତ କରାଯାଇଛି। ସେ ଗେଷ୍ଟ ହାଉସ୍‌ରେ ବେକରେ ଟାୱେଲ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଇଞ୍ଜିନିୟର ଜଣକ ହେଲେ ଝାଡ଼ଖଣ୍ଡର ବୀରେନ୍ଦ୍ର କୁମାର ଶର୍ମା।

ସୂଚନା ଅନୁଯାୟୀ, ବୀରେନ୍ଦ୍ର ମେଟ୍‌ସୋ(ମେଣ୍ଟେନାନ୍ସ କମ୍ପାନୀ)ରେ ଇଞ୍ଜିନିୟର ଥିଲେ। ସେ ମାସେ ହେଲା ଲାଞ୍ଜିଗଡ଼ ସାଇଟ୍‌ରେ ଯୋଗଦେଇଥିଲେ। ପରିବାର ଲୋକେ ଝାଡ଼ଖଣ୍ଡରେ ଥିବାବେଳେ ମୁନିଗୁଡ଼ାସ୍ଥିତ କମ୍ପାନୀ ଗେଷ୍ଟ ହାଉସ୍‌ରେ ସେ ଏକା ରହୁଥିଲେ। ପ୍ରତିଦିନ ଭଳି କାର୍ଯ୍ୟସ୍ଥଳକୁ ଯିବା ପାଇଁ ସହକର୍ମୀମାନେ ବୀରେନ୍ଦ୍ରଙ୍କୁ ଡାକିବାକୁ ଆସିଥିବାବେଳେ ସେ କବାଟ ଖୋଲି ନ ଥିଲେ। ସନ୍ଦେହ ହେବାରୁ କବାଟ କୋଣରୁ ଦେଖିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବୀରେନ୍ଦ୍ର ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଘଟଣା ବିଷୟରେ ଜାଣିବା ପରେ କମ୍ପାନୀ ଇନ୍‌ଚାର୍ଜ ମୁନିଗୁଡ଼ା ଥାନା ପୋଲିସକୁ ଜଣାଇଥିଲେ। ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ଆଇଆଇସି ସୁଜ୍ଞାନୀ ସାହୁ, ଏସ୍‌ଆଇ ଶ୍ୟାମସୁନ୍ଦର ବେହେରାଙ୍କ ସମେତ ପୋଲିସ ଟିମ୍ ପହଞ୍ଚି ଘର ମାଲିକ ରାମକୃଷ୍ଣ ପାଣିଗ୍ରାହୀ ଏବଂ ବୀରେନ୍ଦ୍ର କାମ କରୁଥିବା କମ୍ପାନୀର ସାଇଟ୍ ଇନ୍‌ଚାର୍ଜ ଗୁଡ୍‌ଲା ଶେଖର, ଅତିରିକ୍ତ ତହସିଲଦାର ସତ୍ୟନାରାୟଣ ପ୍ରଧାନଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ମୃତଦେହ ଜବତ କରିଛନ୍ତି। ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ବୀରେନ୍ଦ୍ର କାମ ସାରି ମଙ୍ଗଳବାର ରୁମ୍‌କୁ ଫେରିଥିବାବେଳେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ ତଦନ୍ତ ଚାଲିଥିବା ପୋଲିସ ପ୍ରକାଶ କରିଛି।

## ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଭାବେ ପାଳନ ଦାବି



ବିଧାୟକ ଡ୍ରାଇଭରମାନଙ୍କ ସହ ଆଲୋଚନା କରୁଛନ୍ତି।

ଉମରକୋଟ, ୨୨।୬(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଡ୍ରାଇଭର ସଂଘର ଉମରକୋଟ ଶାଖା ସଦସ୍ୟମାନେ ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ବିଧାୟକଙ୍କୁ ଭେଟି ଦେଇଛନ୍ତି। ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବାରୁ ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ତିଆରି, ଗାଡ଼ିଗୁଡିକର ପାର୍କିଂ ବ୍ୟବସ୍ଥା, ଡ୍ରାଇଭରଙ୍କ ପାଇଁ ବିଶ୍ରାମ ଗୃହ, ଶୌଚାଳୟ ବ୍ୟବସ୍ଥା, ୫୫ ବର୍ଷ ପରେ ପେନ୍‌ସନ ବ୍ୟବସ୍ଥା ଲାଗୁ କରିବାକୁ ଦାବି ହୋଇଛି। ଏଥିସହ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରଙ୍କୁ ୨୦ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ, ଆକ୍ରମଣ ହେଲେ ୧୦ ଲକ୍ଷ ଟଙ୍କା, ଡ୍ରାଇଭରଙ୍କୁ ଦ୍ୱିତୀୟ ସୈନିକ ମାନ୍ୟତା, ଡ୍ରାଇଭରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଓ ଘର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା, ଡ୍ରାଇଭରଙ୍କ ପିଲାଙ୍କ ପାଇଁ ଉଚ୍ଚ ଶିକ୍ଷା ବ୍ୟବସ୍ଥା ରାସ୍ତାରେ ଡ୍ରାଇଭରଙ୍କୁ ପ୍ରଶାସନିକ ଅଧିକାରୀମାନେ ହଇରାଣ ନ କରିବା, ଡ୍ରାଇଭରଙ୍କ ଲାଇସେନ୍ସ ଫି କମାଇବା ଓ ସେପ୍ଟେମ୍ବର ୧କୁ ପ୍ରତି ବର୍ଷ ଡ୍ରାଇଭର ଦିବସ ରୂପେ ପାଳନ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଅବସରରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କାମରେ ଲାଗୁନି ସୋଲାର ପାନୀୟ ଜଳ ପ୍ରକଳ୍ପ

ଚନ୍ଦାହାଣ୍ଡି, ୨୨।୬(ଡି.ଏନ୍.ଏ.)

ଗ୍ରାମାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସୋଲାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଆଜକୁ ଏକ ବର୍ଷ ହେବ ପ୍ରକଳ୍ପ ଅଚଳ ହୋଇ ପଡିଥିବାରୁ ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ନ ପାଇ ଡହଳବିକଳ ହେଉଛନ୍ତି। ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀ, ରାଜନେତାଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୀର୍ଘ ଏକ ବର୍ଷ ହେବ ବିଶୁଦ୍ଧ ପାନୀୟ ଜଳ ନ ପାଇ ହଇରାଣ ହେଉଛନ୍ତି ବେହେରାମୁଣ୍ଡା ଗ୍ରାମ ପଞ୍ଚାୟତ ଅଧୀନ ସାଲେଟା ତଳସାହି ବାସିନ୍ଦା।



ସୂଚନା ଅନୁଯାୟୀ ବେହେରାମୁଣ୍ଡା ପଞ୍ଚାୟତ ଅଧୀନ ସାଲେଭଟା ତଳ ସାହିରେ ସରକାରଙ୍କ ପକ୍ଷରୁ ସୋଲାର ଚାଳିତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିନିମନ୍ତେ ୧୦ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି ସହ ଷ୍ଟାଣ୍ଡପୋଷ୍ଟ ତିଆରି କରାଯାଇଥିଲା। ଉକ୍ତ ବସ୍ତିରେ ଥିବା ନଳକୂପରେ ମଟର ଲଗାଇ ସୋଲାର ମାଧ୍ୟମରେ ପାଣି ଉଠାଇ ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ଲୋକଙ୍କୁ ପାଣି ଯୋଗାଇ ଦେବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା। ମଟର ଖରାପ ହେବା ପରେ ଏହାକୁ ମରାମତି କରାଯାଉ ନ ଥିବା ଗ୍ରାମବାସୀ ପ୍ରକାଶ କହିଛନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଯୋଗେ ପାଣି ପାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶୀଘ୍ର ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ସହଦେବ ବାଘ, ଦୁର୍ଜନ ବାଘ, କୁମର ବାଘ, ନିତ୍ୟାନନ୍ଦ ନାୟକ, ଦୁର୍ଯ୍ୟୋଧନ ନାୟକ, ଅରକ୍ଷିତ ବାଘ, ଅଭିରାମ ବାଘ, ପ୍ରକାଶ ବାଘ ପ୍ରମୁଖ ଦାବି କରଛନ୍ତି।

## ମାଙ୍କଡ଼ା ବୋଝେଇ ଟ୍ରକ୍ ଓ ଟ୍ରାକ୍ଟର ଜବତ

ବୁଗୁଡ଼ା,୨୨।୬(ଡି.ଏନ.ଏ.)

ବେଆଇନ ଭାବେ ଚାଲାଣ ହେଉଥିବା ବେଳେ ବୁଗୁଡ଼ା ତହସିଲ ପ୍ରଶାସନ ପକ୍ଷରୁ ଚଡ଼ାଉ କରାଯାଇ ବୁଧବାର ସକାଳେ ଗୋଟିଏ ମାଙ୍କଡା ପଥର ବୋଝେଇ ଟ୍ରକ ଓ ଗୋଟିଏ ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଛି। ତହସିଲଦାର ସଂଗ୍ରାମ କେଶରୀ ଜେନା ମୋଟାବାଡିଠାରେ ଉଭୟ ଗାଡିକୁ ଜବତ କରି ମାଙ୍କଡା ବୋଝେଇ ଟ୍ରକରୁ ୨୫ ହଜାର ୪୨୦ ଓ ପଥର ବୋଝେଇ ଟ୍ରାକ୍ଟରରୁ ୨୦ ହଜାର ୪୨୦ ଏହିପରି ମୋଟ ୪୫ ହଜାର ୮୪୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ନବରଙ୍ଗପୁର ସିଜେଏମ୍‌ଙ୍କ ଚନ୍ଦାହାଣ୍ଡି କୋର୍ଟ ପରିଦର୍ଶନ

ଚନ୍ଦାହାଣ୍ଡି,୨୨।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ସିଜେଏମ୍(ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍) ସୁଦାମ ଚରଣ ଦାଶ ବୁଧବାର ଚନ୍ଦାହାଣ୍ଡି ଜେଏମ୍‌ଏଫ୍‌ସି କୋର୍ଟ ପରିଦର୍ଶନରେ ଆସି କୋର୍ଟରେ ନଥିପତ୍ର ଯାଞ୍ଚ ସହ ବିଭିନ୍ନ ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚନ୍ଦାହାଣ୍ଡି ଓକିଲ ସଂଘ ପକ୍ଷରୁ ସିଜେଏମ୍‌ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଇନଜୀବୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ୨୦ ତାରିଖରେ ନବରଙ୍ଗପୁର ଜିଲା କୋର୍ଟରୁ ରାକେଶ କୁମାର ସାହୁ ଓ ନୀଳମାଧବ ସାହାଣି ଆସି ଚନ୍ଦାହାଣ୍ଡି କୋର୍ଟରେ ସମସ୍ତ ନଥିପତ୍ର ଯାଞ୍ଚ କରିବା ସହ ଅଦାଲତର ସୁବିଧା ଅସୁବିଧା ବୁଝିଥିଲେ। ସିଜେଏମ୍‌ଙ୍କ ଗସ୍ତବେଳେ ଚନ୍ଦାହାଣ୍ଡି ଜେଏମ୍‌ଏଫ୍‌ସି ହିମାଂଶୁ ଶେଖର ଆଚାର୍ଯ୍ୟ, ସରକାରୀ ଓକିଲ ସତିଶ ଚନ୍ଦ୍ର ନାୟକ, ଓକିଲ ସୁରଜ ଅଗସ୍ତି, ମହମ୍ମଦ ହୁସେନ, ଜୟଦେବ ଖମାରୀ, କ୍ଷେମରାଜ ବାଘ, ହୁମେଶ୍ୱର ହଂସ, ହୀରାଧର ମାଳି, କୋର୍ଟ କର୍ମଚାରୀ କେଦାରଗୌରୀ ପାଢ଼ିଆ, କେଶରୀ ମନହିରା, ସର୍ବେଶ୍ୱର ପୁଜାରୀ, ଆଶିଷ ସାହୁ, ରେଣୁ ପଟ୍ଟନାୟକ, ବଂଶୀଧର ନାୟକ, ସୀମାଞ୍ଚଳ ଗଣ୍ଡା, କ୍ଷୀରସିନ୍ଧୁ ସାହୁ, ରବିନ୍ଦ୍ର ସାହୁ, ରାମେଶ୍ୱର ଗୌଡ଼, ଭରତ ଦାସ, ବୃନ୍ଦାବନ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।





କୋର୍ଟ ପରିଦର୍ଶନ ଅବସରରେ ସିଜେଏମ୍‌ଙ୍କ ସହ ଆଇନ୍‌ଜୀବୀମାନେ।

## ବଜ୍ରପାତରେ ସ୍ତ୍ରୀ ମୃତ ସ୍ୱାମୀ ଗୁରୁତର

ନନ୍ଦାହାଣ୍ଡି,୨୨।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ଗୌଡ଼କଷ୍ଟିଗୁଡ଼ା ଗ୍ରାମରେ ବଜ୍ରପାତରେ ବୁଧବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗାଁର ଦୁତିକା ନାୟକ(୪୦)। ଗୁରୁତର ବ୍ୟକ୍ତି ହେଲେ ତାଙ୍କ ସ୍ୱାମୀ ଚନ୍ଦ୍ର ନାୟକ(୪୮)। ନିଜ ଜମିରେ ବିହନ ବୁଣିବା ପାଇଁ ଯାଇଥିବାବେଳେ ବଜ୍ରପାତ ଘଟିଥିଲା। ଦୁତିକାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଚନ୍ଦ୍ରଙ୍କୁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ ନବରଙ୍ଗପୁର ଯିବାକୁ ପରାମର୍ଶ ଦେଇଥିଲେ। ତେବେ ୧୦୮ ଆମ୍ବୁଲାନ୍ସ ନ ମିଳିବାରୁ ତାଙ୍କୁ ଅଟୋ ଯୋଗେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। ସରକାର ରୋଗୀ ଏବଂ ଦୁର୍ଘଟଣାଗ୍ରସ୍ତଙ୍କ ସୁବିଧା ପାଇଁ ଆମ୍ବୁଲାନ୍ସ ଯୋଗାଇଥିଲେ ମଧ୍ୟ ଉପାନ୍ତ ଅଞ୍ଚଳରେ ଅନେକ ସମୟରେ ଗୁରୁତର ରୋଗୀଙ୍କ ଆମ୍ବୁଲାନ୍ସ ନ ମିଳୁ ନ ଥିବା ଅଭିଯୋଗ ହେଉଛି। ଗ୍ରାମାଞ୍ଚଳରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଏବଂ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ମିଳିଲାନି ଆମ୍ବୁଲାନ୍ସ, ଅଟୋରେ ଗଲେ ରୋଗୀ**

## ଭୋଗବାଡ଼ିରେ ସୋଲାର ନଳକୂପ ଦାବି

ଚନ୍ଦ୍ରପୁର,୨୨।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ପଞ୍ଚାୟତର ଭୋଗବାଡ଼ି ଗ୍ରାମରେ ସୋଲାର ଚାଳିତ ନଳକୂପ ସ୍ଥାପନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। ଗାଁରେ ୩୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ହେଲେ ଏଠାରେ ମାତ୍ର ୨ଟି ନଳକୂପ ରହିଛି। ଫଳରେ ଗ୍ରାମବାସୀ ପାନୀୟ ଜଳ ନିମନ୍ତେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘଣ୍ଟା ଘଣ୍ଟା ଧରି ପାଣି ପାଇଁ ଅପେକ୍ଷା କରିବାକୁ ପଡୁଛି। ବିଶେଷକରି ଖରାଦିନ ଆସିଲେ ସମସ୍ୟା ଦ୍ୱିଗୁଣିତ ହେଉଥିବା ଗ୍ରାମର ମାନିଙ୍ଗା ରେଡ୍ଡୁଙ୍ଗା, ଦିତକି ମତରାଙ୍ଗା, ଡଗି ମତରାଙ୍ଗା, ପ୍ରେମାନନ୍ଦ ମତରାଙ୍ଗା ପ୍ରମୁଖ କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି। ସୋଲାର ନଳକୂପ ହେଲେ ଗ୍ରାମବାସୀଙ୍କ ସମସ୍ୟା ଦୂରହେବ ବୋଲି ସେମାନେ କହିଛନ୍ତି।



ପାନୀୟ ଜଳ ସମସ୍ୟାରେ ଥିବା ଭୋଗବାଡ଼ି ଗ୍ରାମବାସୀ।

## ୩ମାସ ହେବ ଭତ୍ତା ପାଇନାହାନ୍ତି ଇନ୍ତାଲିଗୁଡ଼ାବାସୀ

ରାୟଗଡ଼ା ଅଫିସ, ୨୨।୬

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସଦର ପଞ୍ଚାୟତର ଇନ୍ତାଲିଗୁଡ଼ା ଗ୍ରାମବାସୀ ୩ମାସ ହେଲା ଭତ୍ତା ପାଇ ନ ଥିବା ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ମାସରେ ଆସି ନିଜର ଭତ୍ତା ଟଙ୍କା ମାଗୁଥିଲେ ସୁଦ୍ଧା ତାହା ମିଳୁ ନ ଥିବା ସେମାନେ କହିଛନ୍ତି। ଇନ୍ତାଲିଗୁଡ଼ା ଗାଁର ପ୍ରାୟ ୩୦ରୁ ୪୦ ହିତାଧିକାରୀ ୩ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଏବଂ ଦିବ୍ୟାଙ୍ଗ ଭତ୍ତା ପାଇ ନ ଥିବା ଅଭିଯୋଗ କରିଛନ୍ତି।

ମାର୍ଚ୍ଚରୁ ଭତ୍ତା ମିଳି ନ ଥିବା ହିକକା ସେଲି, କୁଲେସିକା ଦୀପ, କୁଲେସିକା ମାଝିବାଣୀ, ହିକକା ଜିଟୁ, ମାଝିୱାଣୀ ହିକକା, ପ୍ରାସ୍କା ଲାଟିକା, ମିଲାପୁଇ କୁଲେସିକା, ହିକକା କ୍ରିଷ୍ଟା, କୁନା କାନିଲାଇ , କୁନା କାଆପେୟା, କୁନାକା ସାଲାଇ, କୁନାକା ଦାସ, କୁନାକା ଗେଡା,କୁନାକା କାଳିଆ, କୁନାକା କମଳା, ହିକକା ଲକ୍ଷ୍ମଣ, କୁନାକା ରାଧାମା, ହିକକା ନୀଳକଣ୍ଠ, ହିକକା ଆଲେ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ବିଷୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ମାଣ୍ଡାଙ୍ଗିଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ନେଇ ମୁଁ ଅବଗତ ଅଛି। କେତେଜଣ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲେ ମଧ୍ୟ ସେମାନେ ଖାତା ଅପ୍‌ଡେଟ୍ କରି ନ ଥିବାରୁ ସେମାନେ ଜାଣିପାରିନାହାନ୍ତି ବୋଲି କହିଛନ୍ତି। ସେହିପରି ଅନ୍ୟ କେତେଜଣ ହିତାଧିକାରୀଙ୍କ ଟଙ୍କା ଦିଆଯାଇନାହିଁ। ଏଥିରେ ନିଜର ଭୁଲ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱୀକାର କରିବା ସହ ଭତ୍ତା ଟଙ୍କା ପ୍ରଦାନ ପାଇଁ ସେ କିଛିଦିନ ସମୟ ମାଗିଥିବା କହିଛନ୍ତି। ଉଲ୍ଲେଖଯୋଗ୍ୟ, **ପ୍ରାୟ ଚାରିରୁ ପାଞ୍ଚ ଖଣ୍ଡ ଗାଁର ହିତାଧିକାରୀ ଭତ୍ତାରୁ ବଞ୍ଚିତ ଥିବା ଜଣାପଡ଼ିଛି।** ଏ ନେଇ ଉପଜିଲପାଳ ଭୀମସେନ ଶବରଙ୍କ ମତାମତ ନେବାରୁ ସେ କହିଛନ୍ତି, ଏ ବିଷୟରେ ମୋ ନିକଟକୁ କୌଣସି ଅଭିଯୋଗ ଆସିନାହିଁ। ବିଭଗୀୟ ଅଧିକାରୀଙ୍କଠାରୁ ସମସ୍ତ ବିଷୟ ବୁଝି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ଭତ୍ତା ପାଇ ନ ଥିବା ମହିଳାମାନେ।

## ସଂକ୍ଷେପରେ

### ଡାକ କର୍ମଚାରୀଙ୍କ ବିକ୍ଷୋଭ




ଜୟପୁର,୨୨।୬ (ନି.ପ୍ର.): ଡାକ ବିଭାଗ କର୍ମଚାରୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବିନେଇ ବୁଧବାର ଡାକ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେନ୍ଦ୍ର ସରକାର ଡାକ ବିଭାଗକୁ ଘରୋଇକରଣ କରିବା ପାଇଁ ଯୋଜନା କରି ଆଉ ସ୍ଥାୟୀ ନିଯୁକ୍ତି ନ ଦେଇ ଡାକମିତ୍ର ନିଯୁକ୍ତି ନେଇ ଯୋଜନା ପ୍ରଣୟନ କରୁଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାର ଏଥିରୁ ନ ଓହରିଲେ ଆଗକୁ ବଡ଼ଧରଣର ଆନ୍ଦୋଳନ ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ରାଜେନ୍ଦ୍ର ପ୍ରସାଦ ସାହୁ, ଅମିୟ ମହାରଣା, ନୀଳାମ୍ବର ନାୟକ, ଅଭିମନ୍ୟୁ ଦୋରା, ସୋନୁ ମାଝି, ଉମା ମହେଶ୍ୱର ରାଓ ନେତୃତ୍ୱ ନେଇଥିଲେ।

### ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୩ ଅସୁସ୍ଥ

ମାଲକାନଗିରି,୨୨।୬(ଡି.ଏନ.ଏ.): ମାଲକାନଗିରି ଜିଲା ପାଣ୍ଡ୍ରିପାଣି ଗ୍ରାମରେ ବୁଧବାର ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୩ଜଣ ଅସୁସ୍ଥ ହୋଇପଡିଛନ୍ତି। ସମ୍ପୃକ୍ତ ପରିବାର ନିଜ ଘର ନିକଟରେ ହୋଇଥିବା କିଛି ଛତୁ ସଂଗ୍ରହ କରି ତାହାକୁ ରାନ୍ଧି ଖାଇଥିଲେ। ଏହା ଖାଇବାର କିଛି ସମୟ ପରେ ସେମାନେ ଅସୁସ୍ଥ ଅନୁଭବ କରିଥିଲେ। ଶରୀର ଅଧିକ ଖରାପ ଲାଗିବାରୁ ସମସ୍ତେ ପାଣ୍ଡ୍ରିପାଣି ଚିକିତ୍ସାଳୟକୁ ଯାଇ ସେଠାରେ ଚିକିତ୍ସିତ ହୋଇଛନ୍ତି। ସେମାନଙ୍କୁ ଅଧିକ ଚିକିତ୍ସା ଲାଗି ଡାକ୍ତର ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ବିଷାକ୍ତ ଖାଦ୍ୟ ଖାଇ ସେମାନଙ୍କର ଏପରି ହୋଇଛି। ବର୍ତ୍ତମାନ ସମସ୍ତେ ସୁସ୍ଥ ଥିବା ଡାକ୍ତର କହିଛନ୍ତି।

### ନିର୍ଦ୍ୱନ୍ଦ୍ୱରେ ଜିଲା ଯୋଜନା କମିଟିର ୧୬ ସଦସ୍ୟ ନିର୍ବାଚିତ

କୋରାପୁଟ,୨୨।୬(ସ୍ୱ.ପ୍ର.): କୋରାପୁଟ ଜିଲା ଯୋଜନା କମିଟିର ସମସ୍ତ ୧୬ ଜଣ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏନେଇ ବୁଧବାର ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ସୂଚନା ଦେଇଛନ୍ତି। ୧୬ଟି ପଦବୀ ନିମନ୍ତେ ୧୬ ଜଣ ଗତ ୧୬ ତାରିଖରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏଥିରେ ଜିଲା ପରିଷଦରୁ ୧୩ ଜଣ ସଦସ୍ୟ ଥିବା ବେଳେ ୩ ଜଣ କାଉନସିଲର ସଦସ୍ୟ ରହିଛନ୍ତି। ଜିଲା ପରିଷଦ ପକ୍ଷରୁ ଥିବା ୭ ଜଣ ମହିଳା ସଦସ୍ୟ ଏବଂ କାଉନସିଲରରୁ ଥିବା ଜଣେ ମହିଳା ସଦସ୍ୟା ନିର୍ବାଚିତ ହୋଇଛନ୍ତି।

### ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଜୟପୁର,୨୨।୬ (ନି.ପ୍ର.): ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ହାଟପଦା ନିକଟରେ ବୁଧବାର ଏକ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ମିଟୁ ପରଜା (୬୬)। ସେ ରାସ୍ତାରେ ଯାଉଥିବା ବେଳେ ଏକ ଧାନ ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମିଟୁଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜୟପୁର ସଦର ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ (ଏପି ୦୩ ଟିଇ- ୯୯୯୨)କୁ ଜବତକରି ଡ୍ରାଇଭରଙ୍କୁ ଗିରଫ କରିଛି।

# ବୈରାଗୀ ମଠ-ରାମଗଡ଼ ରାସ୍ତା ନିର୍ମାଣ ଦାବିରେ ଧାରଣା

- ବାରମ୍ବାର ଜଣାଇଥିଲେ ମଧ ଶୁଣି ନ ଥିଲା ପ୍ରଶାସନ
- ଜରୁରିକାଳୀନ ପରିସ୍ଥିତିରେ ରୋଗୀ ବୁହା ହୁଅନ୍ତି ଖଟରେ
- ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ଗ୍ରାମବାସୀ



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଗ୍ରାମବାସୀ।

ଜୟପୁର,୨୨।୬(ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲି ପଞ୍ଚାୟତର ବୈରାଗୀ ମଠରୁ ରାମଗଡ଼ ଗ୍ରାମ ମଧ୍ୟରେ ରାସ୍ତା ନିର୍ମାଣ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମାଜିକ କର୍ମୀ ବି. ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ବୁଧବାର ଧାରଣା ଦେଇଛନ୍ତି। ଏହି ରାସ୍ତା ନିର୍ମାଣ ଲାଗି ବାରମ୍ବାର ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ପାହାଡ଼ ଉପରେ ରହିଥିବା ରାମଗଡ଼ ଗ୍ରାମରୁ ବୈରାଗୀ ମଠ ଗ୍ରାମ ପ୍ରାୟ ୨ କି.ମି. ଦୂର। ଗ୍ରାମକୁ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ଜରୁରିକାଳୀନ ପରିସ୍ଥିତିରେ ସେମାନେ ରାମଗଡ଼ରୁ ଖଟରେ ବୁହାହୋଇ ପାହାଡ଼ ତଳକୁ ବୈରାଗୀମଠ ଗ୍ରାମକୁ ଆସି ଡାକ୍ତରଖାନା ଯାଇଥାନ୍ତି। ଗ୍ରାମରେ ପାନୀୟ ଜଳ ସମସ୍ୟା ମଧ ରହିଛି। ପ୍ରଶାସନ ୨ ଗ୍ରାମର ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ରାମଗଡ଼ର ୬୦ ପରିବାର ଏବଂ ଅନ୍ୟ ଗ୍ରାମର ବାସିନ୍ଦା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଧାରଣାରେ ଚନ୍ଦ୍ର ମୁଦୁଲି, ମଦନ ମୁଦୁଲି, ସୁଦନାଧର ପରଜାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଛନ୍ତି। ତେବେ ଉପଜିଲାପାଳ ବେଦବର ପ୍ରଧାନ ଗ୍ରାମବାସୀଙ୍କୁ ତୁରନ୍ତ ରାସ୍ତା ନିର୍ମାଣ ଲାଗି ପ୍ରତିଶ୍ରୁତି ଦେବାରୁ ସେମାନେ ଧାରଣାରୁ ଓହରିଥିଲେ।

# ପୂର୍ତ୍ତ ବିଭାଗ କାର୍ଯ୍ୟ ସମୀକ୍ଷାକଲେ ମନ୍ତ୍ରୀ

## 'ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାର ରାସ୍ତା ବହୁତ ଭଲ'

କୋରାପୁଟ,୨୨।୬(ସ୍ୱ.ପ୍ର.)

କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଇସ୍ପାତ,ଖଣି ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କୋରାପୁଟ ଓ ଜୟପୁର ଡିଭିଜନ ସହ ଜାତୀୟ ରାଜପଥର ସମୀକ୍ଷା କରିଥିଲେ। ରାସ୍ତାର ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ସମ୍ଭବ ବୋଲି ସେ ପ୍ରକାଶ କରିବା ସହ ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ପ୍ରକାଶକରି ଓଡ଼ିଶାର ରାସ୍ତା ଅନ୍ୟ ରାଜ୍ୟଗୁଡ଼ିକଠାରୁ ବହୁତ ଭଲ ବୋଲି ମତବ୍ୟକ୍ତ କରିଥିଲେ। ବିଧାୟକ ରଘୁରାମ ପଡ଼ାଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ପଟ୍ଟାଙ୍ଗୀ ବିଧାୟକ ପୀତମ ପାଢ଼ୀ, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ ଓ ଜିଲା ବିଜେଡି ସଭାପତି ଈଶର ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ଏୟାରପୋର୍ଟ କାର୍ଯ୍ୟ ଏବଂ କୋରାପୁଟ ମେଡିକାଲ କଲେଜର ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କାର୍ଯ୍ୟ ଦ୍ରୁତଗତିରେ ଚାଲୁଥିବା ନେଇ ସେ ସୂଚନା ଦେଇଥିଲେ। ଠିକ୍ ସମୟରେ ଓ କାର୍ଯ୍ୟ ସାରିବା ଓ ଏହାର ଗୁଣାତ୍ମକ ମାନ ବଜାୟ ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଥିଲେ। ବିଶ୍ୱବ୍ୟାଙ୍କ ଯନ୍ତ୍ରୀ ମୁଖ୍ୟ ରାମକୃଷ୍ଣ ମହାରଣା, କୋରାପୁଟ ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସତ୍ୟନାରାୟଣ ଖୁରା, ଜୟପୁର ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ସୁନାବେଡ଼ା ଜାତୀୟ ରାଜପଥର ନିର୍ବାହୀ ଯନ୍ତ୍ରୀ ସୌମାର୍ଜିନୀ ସେଠୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବଶିଷ୍ଠ କୁମାର ପଟ୍ଟନାୟକ , ପୂର୍ବତନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦଖଲରେ ରଖିଥିବା ୨୦ ଏକର ଜମି ବନ ବିଭାଗକୁ ଦେଲେ ଦେବାନନ୍ଦ

ମାଲକାନଗିରି,୨୨।୬(ଡି.ଏନ୍.ଏ.)



ଦେବାନନ୍ଦ ମାଡକାମୀ।

ଆଜିର ସମାଜରେ ମାତ୍ର କେଇହାତ ଜାଗା ପାଇଁ ଭାଇଭାଇ ହେଉ କି ସାହିପଡ଼ିଶା ଭିତରେ ଗଣ୍ଡଗୋଳ ହୋଇ ବିଭିନ୍ନ ସମୟରେ ଅଘଟଣମାନ ଘଟୁଛି। ଅନେକ ସ୍ଥାନରେ ସରକାରୀ ଜାଗାକୁ ଜବରଦଖଲ କରି ରଖି ଲୋକେ ତାହାର ବ୍ୟବହାର କରୁଛନ୍ତି। ମାତ୍ର ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ସମାଜର ସବୁ ବର୍ଗର ଲୋକଙ୍କ ଚିନ୍ତା କରୁଛନ୍ତି। ବୃହତର ସ୍ୱାର୍ଥ ପାଇଁ ନିଜ ସ୍ୱାର୍ଥକୁ ତ୍ୟାଗ କରୁଛନ୍ତି। ଏମିତି ଜଣେ ବ୍ୟକ୍ତି ହେଲେ ଦେବାନନ୍ଦ ମାଡକାମୀ। ଯିଏ କି କୃତ୍ରିମ ଜଙ୍ଗଲ ପାଇଁ ନିଜ ଦଖଲରେ ରଖିଥିବା ୨୦ ଏକର ଜମି ବନ ବିଭାଗକୁ ଦାନ ଦେଇଛନ୍ତି।
 ମାଲକାନଗିରି ଜିଲା ପୁରୁଣା ନିଲିଗୁଡ଼ା ଗ୍ରାମ ମୁଖିଆ ହେଉଛନ୍ତି ଦେବାନନ୍ଦ। ଦିନକୁ ଦିନ ଧ୍ୱଂସ ପାଇଯାଉଥିବା ଜଙ୍ଗଲ ଓ ଲୁପ୍ତ ହୋଇଯାଉଥିବା ପଶୁପକ୍ଷୀଙ୍କ ପାଇଁ ସେ ସର୍ବଦା ଚିନ୍ତାକରନ୍ତି। ବନ ବିଭାଗ ୪୦ ହେକ୍ଟର ଜାଗାରେ ଜଙ୍ଗଲ ନବୀକରଣ ପାଇଁ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରିଥିଲା। ମାତ୍ର ଏଥିପାଇଁ ଆଉ କିଛି ହେକ୍ଟର ଜାଗା ନିଅଣ୍ଟ ପଡ଼ିଥିଲା। ଏନେଇ ବନରକ୍ଷୀ ଗ୍ରାମରେ ଏକ ସଭାକରି ନୂତନ ଜଙ୍ଗଲ ସମ୍ପର୍କରେ ଗ୍ରାମବାସୀଙ୍କ ମତ ଲୋଡ଼ିଥିଲେ। ଏହି ଖବର ଶୁଣିବା ପରେ ଦେବାନନ୍ଦ ନିଜସ୍ୱ ଦଖଲରେ ରଖିଥିବା ୨୦ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜାଗା ବନ ବିଭାଗକୁ ସ୍ୱଇଚ୍ଛାରେ ଦାନ କରିଥିଲେ। ଏହି ଜାଗାକୁ ସେ ଦୀର୍ଘବର୍ଷ ଧରି ନିଜ ଦଖଲରେ ରଖିଥିଲେ। ବର୍ତ୍ତମାନ ଏହି ଜାଗାରେ ଅଁଳା, ଚାକୁଣ୍ଡା, ବାହାଡ଼ା, ଅର୍ଜୁନ, ସୀମାରୁଆ, କୁସୁମ ଭଳି ବୃକ୍ଷରୋପଣ କରାଯାଉଛି। ଆଗାମୀ ଦିନରେ କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ବିଭିନ୍ନ ସମସ୍ୟା ନେଇ ଆଧାରକାର୍ଡ କାର୍ଯ୍ୟ ବନ୍ଦ କଲେ ଅପରେଟର

ମାଲକାନଗିରି/କୋରୁକୋଣ୍ଡା, ୨୨।୬(ଡି.ଏନ.ଏ.)

ପ୍ରତ୍ୟେକ ସରକାରୀ ହେଉ କିମ୍ବା ବେସରକାରୀ କାର୍ଯ୍ୟ ପ୍ରାୟ ସବୁ କ୍ଷେତ୍ରରେ ଆଧାରକାର୍ଡ ବାଧ୍ୟତାମୂଳକ ହୋଇଛି। ମାଲକାନଗିରି ଜିଲାରେ କାର୍ଯ୍ୟରତ ଆଧାର କାର୍ଡ କର୍ମଚାରୀ ଆଧାର କାର୍ଡ ପ୍ରସ୍ତୁତ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ବୁଧବାର ଜିଲାପାଳ ବିଶାଳ ସିଂଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଜିଲାରେ ଦୀର୍ଘ ବର୍ଷ ଧରି ଆଧାରକାର୍ଡ ପ୍ରସ୍ତୁତି ଲାଗି କମ୍ପ୍ୟୁଟର ଲ୍ୟାବ ଓ ବ୍ଲୁମସଲ୍ୟୁସନ ସଂସ୍ଥା ଏହି ଅପରେଟରଙ୍କୁ ନିୟୋଜିତ କରିଥିଲା। ସେମାନେ ୭/୮ ବର୍ଷ ଧରି ଜିଲାରେ ଆଧାର କାର୍ଯ୍ୟ କରି ଆସୁଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ପ୍ରାୟ ୨୫ରୁ ଅଧିକ ଅପରେଟର ନିୟୋଜିତ ରହିଛନ୍ତି। ସ୍ଥାନୀୟ ପ୍ରଶାସନ ନିର୍ଦ୍ଦେଶରେ ଜିଲାର ବିଭିନ୍ନ ପଞ୍ଚାୟତ ସମେତ ଅନ୍ୟ ଅଞ୍ଚଳକୁ ଯାଇ କାର୍ଯ୍ୟ ତୁଲାଉଛନ୍ତି। ମାତ୍ର ଦିନକୁ ଦିନ ଅନେକ ନିୟମକୁ ଢାଲ କରି ସେମାନଙ୍କୁ ସମ୍ପୃକ୍ତ କମ୍ପାନୀ ଦ୍ୱୟ ପକ୍ଷରୁ ହଇରାଣ କରାଯାଉଛି। ପ୍ରସ୍ତୁତି ବେଳେ ମାସିକ ୩୦ରୁ ଅଧିକ ଆଧାର କାର୍ଡ ଯଦି ଭୁଲ ହୁଏ ତେବେ ସେହି ଅପରେଟରଙ୍କ ୩ ମାସ କିମ୍ବା ଏକବର୍ଷ ପାଇଁ ତାଙ୍କ ଅପରେଟର ଆଇଡିକୁ ବନ୍ଦ କରାଯିବା ସହ ସେମାନଙ୍କ ଦରମା ମଧ ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ କୁହାଯାଉଛି। ଅନ୍ୟପକ୍ଷରେ ଯଦି କୌଣସି ବ୍ୟକ୍ତିଙ୍କ ଆଧାର କାର୍ଡ ସମ୍ପର୍କିତ ଭୁଲ ନଥିପତ୍ର ସ୍କାନ କରାଯାଇଥାଏ ତେବେ ସେମାଙ୍କୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆକାରରେ ଦେବାକୁ ପଡିବ। ଆଧାରକାର୍ଡ ହିତାଧିକାରୀ ଯେଉଁ ଦସ୍ତାବିଜ ଆଣି ଦେଉଛନ୍ତି ସେସବୁ ଆମେ ସ୍କାନ କରି ଅପଲୋର୍ଡ କରୁଛୁ। ଏସବୁ ଦସ୍ତାବିଜ ଠିକ କି ଭୁଲ ଆମେ କିପରି ଜାଣିବୁ ବୋଲି ଅପରେଟରମାନେ ପ୍ରଶ୍ନ ଉଠାଇଛନ୍ତି। ଏପରି ନିୟମ ଦ୍ୱାରା ବହୁ ଆଧାରକାର୍ଡ ଅପରେଟରମାନଙ୍କୁ ଜରିମାନା କର ସେମାନଙ୍କ ଆଇଡି ବନ୍ଦ କରାଯାଇଛି। ଏହାକୁ ବିରୋଧ କରି ନିକଟରେ ମାଲକାନଗିରରେ ଜିଲାର ସବୁ ଆଧାରକାର୍ଡ ପ୍ରସ୍ତୁତରେ ନିୟୋଜିତ ଅପରେଟରମାନେ ଏକ ବୈଠକ କରି ଜିଲାପାଳଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଜଣାଇ ଏକ ଦାବିପତ୍ର ଦେଇଛନ୍ତି। ଅଭିଯୋଗପତ୍ର ର ନକଲ ସଂସ୍ଥାର ଜିଜିଏମଙ୍କୁ ମେଲ ଯୋଗେ ପଠାଇ ବୁଧବାରଠାରୁ କାର୍ଯ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି।

# କୋଟିଆ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ନୂତନ ଡାକ୍ତରଙ୍କ ଦାୟିତ୍ୱ ଗ୍ରହଣ



ଦାୟିତ୍ୱ ଗ୍ରହଣ କରୁଛନ୍ତି ଡାକ୍ତର ରୋସନ କୁମାର ସେନାପତି।

ପଟ୍ଟାଙ୍ଗୀ,୨୨।୬(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅଧୀନ ତଥା ପଡ଼ୋଶୀ ଆନ୍ଧ୍ର ସୀମାକୁ ଲାଗି ରହିଥିବା କୋଟିଆ ପଞ୍ଚାୟତ ସଦର ମହକୁମାସ୍ଥିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ନୂତନ ଡାକ୍ତର ଭାବେ ରୋସନ କୁମାର ସେନାପତି ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡାକ୍ତର ପବିତ୍ର ପଣ୍ଡା ପିଜି କରିବା ପାଇଁ ବ୍ରହ୍ମପୁର ଚାଲିଯାଇଛନ୍ତି। ଡାକ୍ତର ସେନାପତି ବାଂଲାଦେଶରେ ଡାକ୍ତରୀ ସାରି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେରେ କିଛିଦିନ କାର୍ଯ୍ୟ କରିଛନ୍ତି। ଏବେ ସେ କୋଟିଆ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ଯୋଗଦେଇଛନ୍ତି। ଏହି ଅବସରରେ ତାଙ୍କୁ ସ୍ୱାଗତ କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ସୁବ୍ରତ ଶର୍ମା, ରାଜୁ ହିଆଲ, ନରସିଂହ ପଣ୍ଡା, ନିରଞ୍ଜନ ରଣା ଏବଂ ସୁବାସ ଚପାଡିଙ୍କ ତତ୍ତ୍ୱାବଧାନରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ସରପଞ୍ଚ ଲିପ୍ସୁ ଗେମେଲ, ଡାକ୍ତର ଜଗଦୀଶ ଶତପଥୀ, ବିପିଏମ୍ ରଶ୍ମିତା ସାଁ, ପିଏଚ୍‌ଓ ବିଜୟ ଖିଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଡ୍ରାଇଭର ମହାସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ବିଧାୟିକା ପଦ୍ମିନୀ ଦିଆନ ଏବଂ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟଙ୍କ ଗହଣରେ ଉପସ୍ଥିତ ଡ୍ରାଇଭରମାନେ।

କୁନ୍ଦୁରା,୨୨।୬ (ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଏବଂ ବୈପାରିଗୁଡ଼ା ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା କୋଟପାଡ ବିଧାୟିକା ପଦ୍ମିନୀ ଦିଆନ ଏବଂ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟଙ୍କୁ ମହାସଂଘ କର୍ମକର୍ତ୍ତାମାନେ ଏହି ଦାବିପତ୍ର ଦେଇଛନ୍ତି। ଏହାର ଏକ ନକଲ ମଧ ଜିଲାପାଳଙ୍କ ନିକଟକୁ ପଠାଯାଇଥିବା ସଂଘ ସଭାପତି ପ୍ରକାଶ କରିଛନ୍ତି। ଡ୍ରାଇଭରମାନଙ୍କୁ ମୃତ୍ୟୁକାଳୀନ ବୀମା ରାଶି ୨୦ ଲକ୍ଷ ଟଙ୍କା ପ୍ରଦାନ କରିବା, ପ୍ରତି ୧୦୦ କି.ମି. ଦୂରରେ ଡ୍ରାଇଭରଙ୍କ ବିଶ୍ରାମ ନିମନ୍ତେ ଶୌଚାଳୟ ସହ ବିଶ୍ରାମାଗାର ନିର୍ମାଣ କରିବା, ଲାଇସେନ୍ସ କରିବାକୁ ଧାର୍ଯ୍ୟ ଦେୟରାଶି ୧୫ ହଜାରକୁ କମ୍ କରିବା, ଡ୍ରାଇଭରମାନଙ୍କ ଝିଅପୁଅଙ୍କ ଉଚ୍ଚଶିକ୍ଷା ପାଇଁ ବ୍ୟବସ୍ଥା କରିବା, ରାସ୍ତା ଉପରେ ଡ୍ରାଇଭରଙ୍କୁ ହଇରାଣ ନ କରିବା, ଡ୍ରାଇଭରମାନଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ କରିବା, ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଭାବେ ପାଳନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ସମୟରେ ହରିହର ଚୌଧୁରୀ,ନାରାୟଣ ବିଶୋୟୀ, ଦୁର୍ଗା ପଟ୍ଟନାୟକ, ସନପତି ପରଜା, ଜୟ ପରଜା, ଚୈତନ୍ୟ ମିନର ବାଲିଆ, ଚନ୍ଦ୍ର ମାଝି, ସଦାଶିବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମନୋହର ଦଶମନ୍ତପୁର ଲ୍ୟାମ୍ପସ୍ ସଭାପତି



ସଭାପତି ରୂପେ ନିର୍ବାଚିତ ହେବା ପରେ ବିଜେଡି କର୍ମୀ ଓ ଲ୍ୟାମ୍ପସ କର୍ମଚାରୀଙ୍କ ଗହଣରେ ମନୋହର।

ଦଶମନ୍ତପୁର, ୨୨।୬ ( ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଜୋନ୍-୧ରେ ଅନୁଷ୍ଠିତ ସମବାୟ ସମିତି(ଲ୍ୟାମ୍ପସ)ର ସଭାପତି ନିର୍ବାଚନରେ ମନୋହର ମୁଦୁଲି ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ଜିଲା ବିଜେଡି ଉପସଭାପତି ନାରାୟଣ ବିଶୋୟୀ ଏବଂ ବ୍ଲକ ଉପାଧ୍ୟକ୍ଷ ଅରୁଣ ଚେଟୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ନିର୍ବାଚନରେ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ, ସାଢେ ୧୨ଟାରୁ ଅପରାହ୍ନ ୧ଟା ଯାଏ ଯାଞ୍ଚ କାର୍ଯ୍ୟକ୍ରମ ରହିଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ମନୋହର ଏକମାତ୍ର ପ୍ରାର୍ଥୀ ରୂପେ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ବିପକ୍ଷରେ ଆଉ କେହି ନାମାଙ୍କନପତ୍ର ଦାଖଲ ନ କରିବାରୁ ନିର୍ବାଚନ ଅଧିକାରୀ ଜୟରାମ ସଙ୍କିୟ ମନେହାରଙ୍କୁ ସଭାପତି ରୂପେ ଘୋଷଣା କରିଥିଲେ। ନିର୍ବାଚନ ସମୟରେ ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ପ୍ରଫୁଲ୍ଲ ମିଶ୍ର, ଲ୍ୟାମ୍ପ କର୍ମଚାରୀ କୈଳାସ ଗରଡ଼ା, ବରିଷ୍ଠ ବିଜେଡି କର୍ମୀ ପ୍ରତାପ ଖୋସ୍ଲା, ଧନୁ ବିଶୋୟୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସମସ୍ୟା ନେଇ ଆଲୋଚନା ହୋଇ ସ୍ଥିର ହେଲା କାର୍ଯ୍ୟପନ୍ଥା




ବୈଠକରେ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଜିଲା ପରିଷଦ ୬୯ତମ ବୈଠକ

ମାଲକାନଗିରି,୨୨।୬(ଡିଏନଏ)

ମାଲକାନଗିର ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ କାର୍ଯ୍ୟାଳୟରେ ବୁଧବାର ପରିଷଦର ୬୯ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ବିଧାୟକ ଅଦିତ୍ୟମାଢ଼ି, ଜିଲାପାଳ ବିଶାଳ ସିଂ, ପିଡ଼ି ଡିଆରଡିଏ ବାଳମୁକୁନ୍ଦ ଭୂୟାଁ, ଜିଲା ପରିଷଦ ଉପାଧ୍ୟକ୍ଷଙ୍କ ସମେତ ଜିଲାର ସମସ୍ତ ଜିଲା ପରିଷଦ ସଦସ୍ୟାସଦସ୍ୟ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇ ଆଗାମୀ ଦିନରକାର୍ଯ୍ୟପନ୍ଥା ସ୍ଥିର ହୋଇଥିଲା। ଜାରି ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ବୈଠକରେ ଜିଲା ପରିଷଦ ସଦସ୍ୟା ସଦସ୍ୟଙ୍କୁ ନେଇ ୮ଟି ଷ୍ଟାଣ୍ଡିଂ କମିଟି ଗଠନ କରଯାଇଥିଲା। ଏହି କମିଟି ଆଗାମୀ ଦିନରେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବ।

# ୭୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ: ୩ ଆନ୍ତଃ ରାଜ୍ୟ ବ୍ୟବସାୟୀ ଗିରଫ

## ରାଜ୍ୟ ବାହାରକୁ ଚାଲାଣବେଳେ ଧରାପଡିଲା

କୋରାପୁଟ,୨୨।୬(ସ୍ୱ.ପ୍ର.)

କୋରାପୁଟ ଜିଲାର ନନ୍ଦପୁର ଓ ଲମତାପୁଟ ବ୍ଲକର ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ପୃଥକ ପୃଥକ ୨ଟି ଟ୍ରକରେ ଉତର ପ୍ରଦେଶ ଓ ରାଜସ୍ଥାନ ଚାଲାଣ ବେଳେ ନନ୍ଦପୁର , ମାଛକୁଣ୍ଡ ଓ ଲମତାପୁଟ ପୋଲିସ ୭୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଛି । ଏଥିରେ ବ୍ୟବହୃତ ୨ଟି ଟ୍ରକ ଜବତ କରାଯାଇ ଉତର ପ୍ରଦେଶ ଅଞ୍ଚଳର ଗଞ୍ଜେଇ ବ୍ୟବସାୟୀ ପ୍ରପାଲ ସିଂ, ଦେବେନ୍ଦ୍ର ସିଂ ଏବଂ ଧନିସ ଶିଶାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।
 ଖବରରୁ ଜଣାପଡିଛି, ଏକ ଟ୍ରକରେ ପାଡୁଆରୁ ଉତର ପ୍ରଦେଶ ଗଞ୍ଜେଇ ଚୋରାଚାଲାଣ କରାଯାଉଥିବା ସୂଚନା ପାଇ ଏସ୍‌ଡିପିଓ ସଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ନନ୍ଦପୁର ପୋଲିସ ସ୍ଥାନୀୟ ଖିଲବା ଛକ ନିକଟରେ ଜଗି ରହିଥିଲା। ଏହି ସମୟରେ ପୋଲିସର ବ୍ୟାରିକେଡ ଭାଙ୍ଗି ଏକ ଟ୍ରକ ଦ୍ରୁତ ଗତିରେ ଚାଲି ଯାଇଥିଲା। ପୋଲିସ ଟ୍ରକ ପିଛା କରି ଏହାକୁ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ଧରିଥିଲା। ପରେ ଟ୍ରକକୁ ଯାଞ୍ଚ କରିବା ପରେ ସେଥିରୁ ୨୧ ବସ୍ତା ଗଞ୍ଜେଇ ମିଳିଥିଲା। ଏହାର ପରିମାଣ ୫ କୁଇଣ୍ଟାଲ ବୋଲି ଜଣାପଡିଛି। ଆନୁମାନିକ ବଜାର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ଏସଡିପିଓ ମହାପାତ୍ର କହିଛନ୍ତି। ଟ୍ରକକୁ ଜବତ କରାଯାଇ ଏଥିରେ ଜଡିତ ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀ ପ୍ରପାଲ ଓ ଦେବେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ଲମତାପୁଟ ବ୍ଲକର ବାଙ୍ଗୁରୁପଡା ଛକ ନିକଟରେ ମାଛକୁଣ୍ଡ ଓ ଲମତାପୁଟ ପୋଲିସ ଜଗି ରହି ଗାଡି ମୋଟର ଯାଞ୍ଚ କରୁଥିବାବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକକୁ ଅଟକାଇଥିଲେ। ଆନ୍ଧାରର ସୁଯୋଗ ନେଇ ଡ୍ରାଇଭର ଏବଂ ଗଞ୍ଜେଇ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ । ପରେ ଟ୍ରକକୁ ଯାଞ୍ଚ କରିବାରୁ ସେଥିରୁ ୮ଟି ବସ୍ତାରେ ୨ ଲକ୍ଷ ୫୦ କୁଇଣ୍ଟାଲ ଗଞ୍ଜେଇ ଥିବା ଜଣାପଡିଥିଲା। ଏହାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ ବୋଲି ମହାପାତ୍ର କହିଛନ୍ତି।




ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତ।

